# କଏଦୀଙ୍କ ଠାରୁ ମାଦକଦ୍ରବ୍ୟ ଜବତ କଲେ ମିଳିବ ପୁରସ୍କାର

ଭୁବନେଶ୍ୱର, ୧୮/ଏନ୍‌ଏନ୍‌ଏସ୍: ଏଣିକି ଜେଲ୍ ଭିତରକୁ ମୋବାଇଲ୍ ପ୍ରବେଶ ଉପରେ ସମ୍ପୂର୍ଣ୍ଣ ଧ୍ୟାନଦେବେ ଜେଲ୍ କର୍ତ୍ତୃପକ୍ଷ। କଏଦୀଙ୍କ ଯିବା ଆସିବା ସମୟରେ ବରିଷ୍ଠ ଜେଲ୍ କର୍ମଚାରୀଙ୍କ ଉପସ୍ଥିତିରେ ଯାଞ୍ଚ ହେବ। ଏହାସହ ଯଦି କେହି ଜେଲ୍ କର୍ମଚାରୀ କଏଦୀଙ୍କ ନିକଟରୁ କୌଣସି ମାଦକଦ୍ରବ୍ୟ ଜବତ କରନ୍ତି, ତା'ହେଲେ ସମ୍ପୃକ୍ତ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୋସିଆଲ ମିଡିଆରେ ଝାରପଡ଼ା ଜେଲ୍ ପରିସର ଭିଡିଓ ଭାଇରାଲ ହେବା ପରେ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ଏଭଳି କଡ଼ା ନିର୍ଦ୍ଦେଶାବଳୀ ଜାରି ହୋଇଛି। ଏହି ନିର୍ଦ୍ଦେଶାବଳୀଗୁଡ଼ିକୁ ସମସ୍ତ ଜେଲ୍ ୱାର୍ଡର, ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରଙ୍କ ପାଇଁ ଅଟେ। ନିକଟ ଅତୀତରେ ଝାରପଡ଼ା ଜେଲ୍ ପରିସରର ଭିଡିଓ ଭାଇରାଲ ହୋଇଥିଲା। ଯେଉଁଥିରେ କି କଏଦୀମାନେ ଗୋଟେ ସ୍ଥାନରେ ଏକାଠି ହୋଇ ଖଟି କରୁଥିଲେ। ଏହାସହ ଗୋଟିଏ ସ୍ଥାନରେ କଙ୍ଗାରୁକୋର୍ଟ ବସିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କେତେକ କଏଦୀ ମୋବାଇଲ୍‌ରେ ଗପୁଥିବା ମଧ୍ୟ ଆଉ ଏକ ଭିଡିଓରେ ଦେଖାଯାଇଥିଲା। ଏଭଳି ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାର ପ୍ରସାର ହୋଇଥିଲା। ଏହାପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାରେ ଏକ ଏତଲା ଦେଇଥିଲେ। ଯେଉଁଥିରେ କି ଭିଡିଓ ଭାଇରାଲ ସମ୍ପର୍କରେ ତଦନ୍ତ କରିବା ନେଇ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ମାଦକଦ୍ରବ୍ୟ ଓ ଭିଡିଓ ଭାଇରାଲ ପଛରେ ଜେଲ୍‌ର କେତେକ କର୍ମଚାରୀ ସମ୍ପୃକ୍ତ ଅଛନ୍ତି। ସେହି କର୍ମଚାରୀମାନେ ଜେଲ୍ ବିଭାଗକୁ ବଦ୍‌ନାମ କରିବା ପାଇଁ ଏଭଳି କାର୍ଯ୍ୟ କରୁଥିବା ବିଭାଗ ପକ୍ଷରୁ କୁହାଯାଇଛି।